Largest Circulated Odia Daily

SAMBAD ସମ୍ବାଦ

ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ






**ଜୟା ବଚ୍ଚନ ରାଜ୍ୟସଭା ଆସନ ହରାଇଲେ, ଜେସିକା ଲାଲ ରାୟ ବିରୋଧରେ ଦିଲ୍ଲୀ ପୁଲିସ ଅପିଲ କରିବ, ଓସ୍କ**

ତାରିଖ : ୩/୭/୨୦୦୬


- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ


ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୨୦.୦ | ୩୪.୦ |
| କଟକ | ୧୭.୯ | ୨୯.୧ |
| ବାଲେଶ୍ୱର | ୧୯.୫ | ୩୩.୩ |
| ଗୋପାଳପୁର | ୨୨.୧ | ୩୧.୨ |
| ଝାରସୁଗୁଡ଼ା | ୧୯.୭ | ୩୩.୩ |

ବିତର୍କ/ମତାମତ ସଂଗ୍ରହ

ଆଇନ ଶୃଙ୍ଖଳା ରକ୍ଷା ପାଇଁ ଠିକା ପୁଲିସ ନିଯୁକ୍ତି ଏକ ବାସ୍ତବମୁଖୀ ପ୍ରସ୍ତାବ କି?

- ○ : ହଁ.....
- ○ : ନାହିଁ.....
- ○ : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- **ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ:ପ୍ରତିଷ୍ଠା ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ'**

ଭୁବନେଶ୍ୱର,(ଇମିସ): ଓଡ଼ିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ଦାବିରେ ଓଡ଼ିଶାର ସାଂସଦମାନେ ଏବଂ ଓଡ଼ିଶା ବିଧାନସଭାର ବିରୋଧୀଦଳ ନେତା ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଯୋଗୁଁ 'ଆଗାମୀ ଓଡ଼ିଶା' ସ୍ୱାଗତ କରୁଛି। ଓଡ଼ିଶାରେ ଏହି ପ୍ରତିଷ୍ଠାନ ପ୍ରତିଷ୍ଠା ହେବା ପାଇଁ ଆଗାମୀ ଓଡ଼ିଶା ଆହ୍ୱାନରେ ଛାତ୍ର ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଚାଲୁ ରହିଥିବା ଲଗାତର ଆନ୍ଦୋଳନ ଫଳରେ ଉଭୟ ଶାସକ ଓ ବିରୋଧୀ ଦଳ ଏହି ଦାବିକୁ ନେଇ ତତ୍ପର ହେବା ଏବଂ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବି ସପକ୍ଷରେ ଯୁକ୍ତି କରିବା, ଓଡ଼ିଶା ପାଇଁ ଏକ ଶୁଭ ଲକ୍ଷଣ। ପ୍ରଧାନମନ୍ତ୍ରୀ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପାଇଁ ଓଡ଼ିଶା ହକ୍‌ଦାର ଏବଂ ସେ ଏହି ଦାବି ପ୍ରତି ଯଥାର୍ଥ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେବା ଅଭିନନ୍ଦନୀୟ। ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଓଡ଼ିଶାରେ ହେବା ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସିଥିବାର ଏହା ସୂଚନା। ମାତ୍ର ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ଅତୀତରେ କେନ୍ଦ୍ରଠାରୁ ଅନେକ ପ୍ରତିଶ୍ରୁତି ପାଇଛି। ମାତ୍ର ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହି ଯାଇଛି। ଏହାର ବଳିଷ୍ଠ ଉଦାହରଣ ହେଲା ଏମସ୍‌ ଓ ପାରାଦ୍ୱୀପ ତୈଳ ବିଶୋଧନାଗାର। ଦୁଇଟି ଯାକ କ୍ଷେତ୍ରରେ ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲେ ହେଁ ଏହାର ଅବସ୍ଥା କ'ଣ ତାହା ଓଡ଼ିଶାବାସୀ ଜାଣନ୍ତି। ଅତଏବ, କେବଳ ପ୍ରତିଶ୍ରୁତି ନୁହେଁ, ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଓଡ଼ିଶାରେ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଜନ ଆନ୍ଦୋଳନ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯିବା ଆବଶ୍ୟକ। ଓଡ଼ିଶାର ବୁଦ୍ଧିଜୀବୀ, ଛାତ୍ର ତଥା ବିଭିନ୍ନ ବର୍ଗର ଜନସାଧାରଣ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆଗାମୀ ଓଡ଼ିଶା ତରଫରୁ ନିବେଦନ କରାଯାଇଛି।

ପୂର୍ବପୃଷ୍ଠା



**ରାଜ୍ୟସଭା ପଦ ହରାଇବା ପରେ ଜୟା ବଚ୍ଚନ।**

ଅନ୍ୟାନ୍ୟ ଖବର


- ବାଘୁଆ ପାହାଡ଼ରେ ବେଆଇନ ବିସ୍ଫୋରଣ, ଜଣେ ମୃତ
- ପରକୀୟା ପ୍ରୀତି: ପତ୍ନୀ ହତ୍ୟା
- ଭୂଷଣ ପ୍ଲାଣ୍ଟ ସୁରକ୍ଷା କର୍ମୀଙ୍କ ମାଡରେ ଯୁବକ ଆହତ, ୫ଜଣ କୋର୍ଟଚାଲାଣ
- ଭୂଷଣ ପ୍ଲାଣ୍ଟ ସୁରକ୍ଷା କର୍ମୀଙ୍କ ମାଡରେ ଯୁବକ ଆହତ, ୫ଜଣ କୋର୍ଟଚାଲାଣ
- ଟେଣ୍ଡର ଗୋଟିଏ ଗାଁରେ, କାମ ଚାଲିଛି ଅନ୍ୟ ଗାଁରେ
- ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଡିଏର ରୁଦ୍ଧଦ୍ୱାର ବୈଠକ , ନିଷ୍ପତ୍ତି କାର୍ଯ୍ୟକାରୀ ନହେଲେ ପୁଣି ଆନ୍ଦୋଳନ: କାଉନସିଲର
- ବ୍ରହ୍ମପୁରରେ ପ୍ରି-ପ୍ଲାନ କ୍ରାଇମ୍‌ ବଢୁଛି
- ଜାମିନରେ ଖଲାସ ପରେ ବିଧାୟକ ନାରାୟଣ ରେଡ୍ଡିଙ୍କୁ ସଂବର୍ଦ୍ଧନା
- ଡିକି ଭାଙ୍ଗି ୫ଲକ୍ଷ ଟଙ୍କା ଲୁଟ
- ମିଠାରେ ବିଷ ମିଶାଇଥିବା ଆତ୍ମୀୟ ଜଣକ କିଏ?
- ଦୁର୍ଘଟଣାରେ ମେଡିକାଲ୍‌ ସୁପରଭାଇଜରଙ୍କ ମୃତ୍ୟୁ

- ଅର୍ଧଦଗ୍ଧ ଅବସ୍ଥାରେ ନବବଧୂ ଉଦ୍ଧାର
- ଲାଇନମ୍ୟାନ୍ ଶୋଇଛନ୍ତି, ଚୋର ଟଙ୍କା ବାକ୍ସ ଧରି ଛୁ
- ହରିଜନ, ଆଦିବାସୀଙ୍କୁ ସାମାଜିକ କାର୍ଯ୍ୟକ୍ରମରେ ସାମିଲ କରିବାକୁ ଦାବି
- ଲକ୍ଷାଧିକ ଟଙ୍କାର ଚୋରି ବିଦ୍ୟୁତ ତାର ଜବତ
- ଦୁର୍ଘଟଣାରେ ଜଣେ ମୃତ: ପୁରୀ-ଭୁବନେଶ୍ୱର ରାସ୍ତା ଅବରୋଧ
- ବଡ଼ମ୍ବା ଚିନି କଳର ଆଉ ଜଣେ କର୍ମଚାରୀ ଆଖି ବୁଜିଲେ
- ପଞ୍ଚାୟତିରାଜ ଦିବସ ପାଳନ ପ୍ରହସନରେ ପରିଣତ
- ଜିଏମ୍ କଲେଜ ଛାତ୍ରୀ ନିବାସ, ୧୭୨ ଜଣଙ୍କ ଜାଗାରେ ରହୁଛନ୍ତି ୩୩୦

Copyright © 2001 orissasambad.com

Site Developed by : www.wayindia.com